DHARITRI.COM

Vol VII Issue No.203 Sunday, 23 July 2006






previous || next

# ଭୁବନେଶ୍ୱରରେ ଆଇଆଇଟି ଖଡଗପୁରର କ୍ୟାମ୍ପସ ସ୍ଥାପନ କରାଯିବ

Click to enlarge text: A A A A

ଭୁବନେଶ୍ୱର,୨୨।୭(ବ୍ୟୁରୋ)-ଖଡଗପୁରସ୍ଥ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏସ.କେ. ଦୁବେ ଆଜି ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଭୁବନେଶ୍ୱରରେ ଆଇଆଇଟି ଖଡଗପୁରର କ୍ୟାମ୍ପସ ଖୋଲାଯିବା ସମ୍ପର୍କରେ ଆଲୋଚନା କରିଥିଲେ । ଏ ସଂକ୍ରାନ୍ତ ପ୍ରକଳ୍ପ ରିପୋର୍ଟ ଏକମାସ ମଧ୍ୟରେ ପ୍ରସ୍ତୁତ ହୋଇଯିବ ବୋଲି ପ୍ରଫେସର ଦୁବେ ଆଲୋଚନା ସମୟରେ ସୂଚନା ଦେଇଥିଲେ । ଭୁବନେଶ୍ୱର କ୍ୟାମ୍ପସରେ ଜୈବ ବିଜ୍ଞାନ, ଧାତୁ ବିଜ୍ଞାନ, ଖଣି ଏବଂ ଅନ୍ୟାନ୍ୟ ନୂଆ ନୂଆ ୫୦୦୦ ପିଲାଙ୍କ ପାଇଁ ବୈଷୟିକ ଶିକ୍ଷାଦାନର ବ୍ୟବସ୍ଥା ରହିବ । ସୂଚନାଯୋଗ୍ୟ ଯେ, ଖଡଗପୁରରେ ମଧ୍ୟ ୫୦୦୦ ପିଲାଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଓଡ଼ିଶାରେ ଥିବା ଇଞ୍ଜିନିୟରିଂ କଲେଜମାନଙ୍କରେ ଶିକ୍ଷାଦାନର ମାନ ଉନ୍ନତ କରିବା ଉଦ୍ଦେଶ୍ୟରେ ଏଠାରେ ଏକ ଗବେଷଣା ଓ ବିଜ୍ଞାନ କେନ୍ଦ୍ର ଖୋଲାଯିବ । ଭୁବନେଶ୍ୱରରେ ଆଇଆଇଟି ଖଡଗପୁର କ୍ୟାମ୍ପସ ଖୋଲିବା ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଏବଂ ରାଜ୍ୟରେ ଶିଳ୍ପର ଦ୍ରୁତ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ମାନବ ସମ୍ବଳ ବିକାଶରେ ଏହା ସହାୟକ ହେବ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ ।

previous || next

**Job Advertisement**
Post Your Resume & Search Listings Find the Ultimate Job on Monster!
www.Monster.com

**Looking for jobs?**
Get new jobs in your area by simply underbidding price quotes of others
www.vapino.com

**Free Local Classified Ads**
List and Sell your items for Free! Online Classifieds at no cost.
LiveDeal.com

Ads by Goooooogle Advertise on this site

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.